**PRESS MONITOR**

Publication : Kalinga Mail
Edition : Bhubaneswar
Date : February 23, 2017

# ଏଚ୍‌ଏସ୍‌ଆଇଏଲ୍ ପକ୍ଷରୁ ବିସ୍ତୃତ ବର୍ଗର ଆକର୍ଷଣୀୟ ରଙ୍ଗଯୁକ୍ତ ହାଇଣ୍ଡୱେର ସ୍ନୋକ୍ରିଷ୍ଟ୍ ଏୟାର କୁଲରର ବଜାର ପ୍ରବେଶ




ଭୁବନେଶ୍ୱର, ୨୨/୨(ଓସବ୍ୟୁ) : ସାନିଟାରୀ ଉତ୍ପାଦ କ୍ଷେତ୍ରରେ ଦୀର୍ଘ କାରବାର ଜାରୀ ରଖିଥିବା କମ୍ପାନୀ ଏଚ୍‌ଏସ୍‌ଆଇଏଲ୍ ପକ୍ଷର ଏହାର ବ୍ୟବସାୟିକ ନେଟ୍‌ୱାର୍କ ସମ୍ପ୍ରସାରଣ ନିମେ‘ ଆଜି ଲାଟେଷ୍ଟ୍ ତଥା ବିସ୍ତୃତ ବର୍ଗର ବିଭିନ୍ନ ରଙ୍ଗଯୁକ୍ତ ହାଇଣ୍ଡୱେର ସ୍ନୋକ୍ରିଷ୍ଟ ଏୟାର କୁଲର୍‌ର ବଜାର ପ୍ରବେଶ କରାଯାଇଛି। ଆସ‘। ୨୦୨୦ ସୁଦ୍ଧା କମ୍ପାନୀ ଶ୍ରେଷ୍ଠ ତିନି କମ୍ପାନୀ ମଧ୍ୟରେ ନିଜର ସ୍ଥାନ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି। ସମ୍ପ୍ରତି ଦେଶର ଏୟାର କୁଲର୍ ବଜାରରେ ବାର୍ଷିକ ୩,୬୫୦ କୋଟି ଟଙ୍କାର କାରବାର ହେଉଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ଆସ‘। ଦିନରେ ସଂଗଠିତ ବଜାରରେ ଏହା ୧୬ ପ୍ରତିଶତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ନୂତନ ଏୟାରକୁଲରେ ଡେଜର୍ଟ, ପର୍ସନାଲ୍ ଏବଂ ୱିଣ୍ଡୋ ବର୍ଗର ବିଭିନ୍ନ ରଙ୍ଗଯୁକ୍ତ ୧୮ ଲିଟର ରୁ ୧୦୦ ଲିଟର ମଧ୍ୟରେ ୧୪ଟି ଉତ୍ପାଦ ରହିଛି। ଏହା ମୁଖ୍ୟତଃ ପ୍ରିମିୟମ୍ ପରପର୍ଲ, ବ୍ରିକ୍ ରେଡ୍ ଏବଂ ଆଇସ୍ ଗ୍ରେ ରଙ୍ଗରେ ଉପଲବ୍ଧ ହେଉଛି। ଏହି ଉତ୍ପାଦ ଗୁଡିକର ଘଣ୍ଟାପ୍ରତି ଏୟାର ଡେଲିଭରୀ ଦକ୍ଷତା ୩୮୦୦ କ୍ୟୁବିକ୍ ମିଟର ରହିଛି। ଏଗୁଡିକ ଶକ୍ତି ସଞ୍ଚୟ ଜ୍ଞାନକୌଶଳ ଆଧାରରେ ନିର୍ମିତ ହୋଇଥିବାବେଳେ ଏହି ବର୍ଗର ମୂଲ୍ୟ ୮,୯୯୦ ଟଙ୍କା ରୁ ୧୭,୯୯୦ ଟଙ୍କା ମଧ୍ୟରେ ରହିଛି। ଏହି ଅବସରରେ ଏଚ୍‌ଏସ୍‌ଆଇଏଲ୍‌ର ଭିସିଏମଡି ଶ୍ରୀ ସନ୍ଦୀପ୍ ସୋମାନୀ କହିଲେ, ଅନନ୍ୟ ତଥା ଗ୍ରାହକ ଉପଯୋଗୀ ଉତ୍ପାଦ ପ୍ରସ୍ତୁତ କରିବା କ୍ଷେତ୍ରରେ କମ୍ପାନୀ ସବୁବେଳେ କାର୍ଯ୍ୟ ଜାରି ରଖିଛି। ଗ୍ରାହକ ବିଶ୍ୱାସନୀୟତା ଆଧାରରେ ଆମ୍ଭେ ୱାଟର ଏବଂ ଏୟାର ପ୍ୟୁରିଫିକେସନ୍ ବର୍ଗ ଉତ୍ପାଦ ସମେତ କିଚେନ୍ ଆପଲାଏନ୍ସ ପ୍ରଭୃତି ଉପଲବ୍ଧ କ୍ଷେତ୍ରରେ ଗୁରୁତ୍ୱାରୋପ କରିଛୁ। ଏହି ନୂତନ କୁଲରରେ ଆଣ୍ଟି-ସ୍କିଡ୍ ଟପ୍ କଭର, ଏକ ସ୍ୱତନ୍ତ୍ର ଆଇସ୍ ଚ୍ୟାମ୍ବର୍, ୪-ୱେ ଏୟାର ଡିଫ୍ଲେକସନ୍, ଡିଜିଟାଲ୍ ଡିସ୍‌ପ୍ଲେ ପ୍ୟାନେଲ୍, ରିମୋଟ୍ ଅପରେସନ୍ ବ୍ୟବସ୍ଥା ପ୍ରଭୃତି ରହିଛି।‘ ଏହି ଅବସରରେ ଏଚ୍‌ଏସ୍‌ଆଇଏଲ୍‌ର କ୍ୟୁମର ପ୍ରଡ୍‌କ୍ଟ ଡିଭିଜନ୍ ସଭାପତି ଶ୍ରୀ ରାକେଶ କାଉଲ୍ କହିଲେ, ଗତ ୨୦୧୬ ଆର୍ଥିକ ବର୍ଷରେ କମ୍ପାନୀ ପକ୍ଷରୁ ସପ୍ତ ବର୍ଗର ଏୟାର କୁଲର୍‌ର ବଜାର ପ୍ରବେଶ କରାଯାଇଥିଲା। ଏହି ଉତ୍ପାଦ ବେଶ୍ ସଫଳ ରହିଥିଲା। ପାରମ୍ପରିକ ଡିଜାଇନିଂ ଆଧାରରେ କମ୍ପାନୀ ଏହି ନୂତନ ଏୟାର କୁଲର ବର୍ଗର ପ୍ରସ୍ତୁତ କରିଛି। ହାଇଣ୍ଡୱେର ସ୍ନୋକ୍ରିଷ୍ଟ୍ ଏୟାର କୁଲର ଦେଶର ୪୦୦୦ ରିଟେଲ୍ ଆଉଟ୍‌ଲେଟ୍‌ରେ ଉପଲବ୍ଧ ହେଉଛି। ଏହାଛଡା ଏହି କୁଲର ଅମାଜନ୍, ଫ୍ଲିପ୍‌କାର୍ଟ, ସ୍ନାପ୍‌ଡିଲ୍ ପ୍ରଭୃତି ଇ-କମର୍ସ ପ୍ଲାଟଫର୍ମରେ ଉପଲବ୍ଧ ହେଉଛି। ଏହା ସହିତ ଏହି ବର୍ଗର କୁଲର ରିଲାଏନ୍ସ ଡିଜିଟାଲ୍, ୱାଲମାର୍ଟ, ସେନସରର୍ସ, ମେଟ୍ରୋ ପ୍ରଭୃତିରେ ମଧ୍ୟ ଉପଲବ୍ଧ ହେଉଛି।‘ ଏଚ୍‌ଏସ୍‌ଆଇ୍‌ଏଲ୍ ମୁଖ୍ୟତଃ ବିଲ୍ଡିଂ ଉତ୍ପାଦ ଏବଂ କଣ୍ଟେନର୍ ଗ୍ଲାସ୍ କାରବାର କରୁଥିବାବେଳେ ସମ୍ପ୍ରତି ସାନିଟାରୀ ଉତ୍ପାଦ, ୱେଲନେସ୍ ଏବଂ ଆଲାଏଡ୍ ଉତ୍ପାଦ ତଥା କ୍ୟୁମର ଉତ୍ପାଦ ପ୍ରସ୍ତୁତି ଆରମ୍ଭ କରିଛି। ବଜାରରେ ଏହାର କ୍ୟୁ. ହିଣ୍ଡ୍‌ୱେର ଇଟାଲିଆନ୍ କଲେକସନ୍, ହିଣ୍ଡ୍‌ୱେର ଆର୍ଟ, ରାଶି, ହିଣ୍ଡ୍‌ୱେର, ଆମୋର୍, ଭେଣ୍ଟ୍, ବେନ୍‌ଲେଭ୍, ହାଇଣ୍ଡୱେର କିଚେନ୍, ଏନସେମବୁଲ୍, ହାଇଣ୍ଡୱେର ଆଟଲାଣ୍ଟିକ୍, ହାଇଣ୍ଡ୍‌ୱେର ସ୍ନୋ କ୍ରିଷ୍ଟ, ମୁନ୍‌ବୋ ପ୍ରଭୃତି ବେଶ୍ ପରିଚିତି ହାସଲ କରିପାରିଛି।